# NATIONAL NEWS BULLETIN (ODIA)

**4 November- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ଯୁବପିଢ଼ୀର ବିକାଶ ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣ ଲାଗି ଉଚ୍ଚତର ଶିକ୍ଷଣ ସଂସ୍ଥାନର ଭୂମିକା ଗୁରୁତ୍ୱପୂର୍ଣ୍ଣ- କହିଲେ ରାଷ୍ଟ୍ରପତି ।

- ୯ଟି ରାଜ୍ୟ ଏବଂ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଆଜି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ କରିବେ ନିର୍ବାଚନ ଆୟୋଗ ।

- ବିହାର ବିଧାନସଭାର ପ୍ରଥମ ପର୍ଯ୍ୟାୟ ମତଦାନ ନିମନ୍ତେ ଆଜି ସନ୍ଧ୍ୟାରେ ଶେଷ ହେବ ପ୍ରଚାର କାର୍ଯ୍ୟ ।

ଏବଂ

- ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ରୋମାନିଆର ବାଣିଜ୍ୟ ମନ୍ତ୍ରୀଙ୍କ ସହ ଆଲୋଚନା କଲେ ଭାରତର ଶିଳ୍ପରାଷ୍ଟ୍ର ମନ୍ତ୍ରୀ ଜିତିନ ପ୍ରସାଦ ।

## ପ୍ରେଜ୍ ଉତ୍ତରାଖଣ୍ଡ ଭିଜିଟ୍

ଦେଶର ଯୁବପିଢ଼ିର ବିକାଶ ଲାଗି ଉଚ୍ଚତର ଶିକ୍ଷଣ ସଂସ୍ଥାନଗୁଡ଼ିକ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଆଜି ନୈନିତାଲଠାରେ କୁମାଓ ବିଶ୍ୱବିଦ୍ୟାଳୟର ବିଂଶତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଷ୍ଟ୍ରପତି

ଯୁବପିଢ଼ିଙ୍କ ମଧ୍ୟରେ ନବସୃଜନ ଓ ଯୁବଦ୍ୟୋଗୀ ଭାବନା ସୃଷ୍ଟି ଉପରେ ଗୁରୁତ୍ୱ ଦେବାଲାଗି ଆହ୍ୱାନ ଦେଇଛନ୍ତି ।

**V/O (Prez Youth)**

୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନ ଲକ୍ଷ୍ୟ ପୂରଣ କ୍ଷେତ୍ରରେ ଦେଶର ଯୁବପିଢ଼ୀଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଷ୍ଟ୍ରପତି କହିଛନ୍ତି । ଏଥିଲାଗି ଯୁବପିଢ଼ିଙ୍କ ମଧ୍ୟରେ ସଦିଚ୍ଛା ଓ ସଂକଳ୍ପ ରହିଛି ଏବଂ ତାହାକୁ କାର୍ଯ୍ୟରେ ଲଗାଇବା ପାଇଁ ଯୁବପିଢ଼ୀ ଆଗେଇ ଆସିବାକୁ ରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

**V/O (Prez 2047)**

କୁମାଓ ବିଶ୍ୱବିଦ୍ୟାଳୟର ଆଜିର ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି କୃତୀ ଛାତ୍ରଛାତ୍ରୀମାନଙ୍କୁ ପଦକ ପ୍ରଦାନ କରିଛନ୍ତି । ଏହି ଅବସରରେ ଶ୍ରୀମତୀ ମୁର୍ମୁ କହିଛନ୍ତି ଛାତ୍ରମାନଙ୍କ ତୁଳନାରେ ଛାତ୍ରୀମାନଙ୍କ ସଫଳତା ଅଧିକ ରହିଛି ଏବଂ ସେ ସେଥିଲାଗି ସନ୍ତୋଷବ୍ୟକ୍ତ କରିଛନ୍ତି ।

**V/O (Prez Betiya)**

ଏହାପୂର୍ବରୁ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆଜି ସକାଳେ ନୈନିତାଲ ସ୍ଥିତ କାଞ୍ଚି ଧାମର ନିମ୍‌କରୋଲି ବାବାଙ୍କ ଆଶ୍ରମ ପରିଦର୍ଶନ କରିଥିଲେ । ରାଷ୍ଟ୍ରପତିଙ୍କ ପରିଦର୍ଶନ ନିମନ୍ତେ କାଞ୍ଚି ଧାମ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଶ୍ରଦ୍ଧାଳୁମାନଙ୍କୁ ମଧ୍ୟାହ୍ନ ପରେ ମନ୍ଦିରକୁ ଆସିବା ଲାଗି କୁହାଯାଇଥିଲା । ରାଷ୍ଟ୍ରପତିଙ୍କ ସହିତ ଉତ୍ତରାଖଣ୍ଡର ଉପରାଜ୍ୟପାଳ, ଲେଫ୍ଟନାଣ୍ଟ ଜେନେରାଲ ଗୁରମିତ ସିଂହ ଉପସ୍ଥିତ ଥିଲେ ।

## ଇସି-ଏସ୍ଆଇଆର୍

ଭାରତୀୟ ନିର୍ବାଚନ ଆୟୋଗ ଆଜି ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିବେ । ଏଥିରେ ୯ଟି ରାଜ୍ୟ ଏବଂ ୩ଟି କେନ୍ଦ୍ର ଶାସିତ ଅଞ୍ଚଳରେ ଭୋଟର ତାଲିକା ସଂଶୋଧନ ଅଭିଯାନ ଆରମ୍ଭ କରାଯିବ । ଏଗୁଡ଼ିକୁ ମିଶାଇଲେ ପ୍ରାୟ ୫୧ କୋଟି ମତଦାତା ରହିଛନ୍ତି । ସୂଚନା ଅନୁଯାୟୀ ୨୦୨୬ ମସିହା ଫେବୃୟାରୀ ୭ ତାରିଖରେ ସଂଶୋଧନ ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ । ବିହାରରେ ଏହି ଅଭିଯାନ ଅଧୀନରେ ଗତ ସେପ୍ଟେମ୍ବର ୩୦ ତାରିଖରେ ପ୍ରକାଶ ପାଇଥିବା ଚୂଡ଼ାନ୍ତ ଭୋଟର ତାଲିକାରେ ୭ କୋଟି ୪୨ ଲକ୍ଷ ଭୋଟର ରହିଥିବା ଜଣାପଡ଼ିଛି । ଦ୍ୱିତୀୟ ପର୍ଯ୍ୟାୟରେ ଭୋଟର ତାଲିକା ସଂଶୋଧନ ଅଭିଯାନ ଅଧୀନରେ ରହିଥିବା ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକ ହେଉଛି – ଆଣ୍ଡାମାନ ନିକୋବର, ଲାକ୍ଷାଦ୍ୱୀପ, ଛତିଶଗଡ଼, ଗୋଆ, ଗୁଜରାଟ, କେରଳ, ମଧ୍ୟପ୍ରଦେଶ, ପୁଡୁଚେରୀ, ରାଜସ୍ଥାନ, ତାମିଲନାଡୁ, ଉତ୍ତରପ୍ରଦେଶ ଏବଂ ପଶ୍ଚିମବଙ୍ଗ । ସୂଚନା ଅନୁଯାୟୀ ଆସନ୍ତାବର୍ଷ ତାମିଲନାଡୁ, ପୁଡୁଚେରୀ, କେରଳ ଏବଂ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବ । ତେବେ ଆସନ୍ତାବର୍ଷ ଆସାମରେ ବିଧାନସଭା ନିର୍ବାଚନ ହେବାକୁ ଥିଲେ ମଧ୍ୟ ଏହି ପର୍ଯ୍ୟାୟରେ ସେଠାରେ ଭୋଟର ତାଲିକା ସଂଶୋଧନ ଅଭିଯାନ କାର୍ଯ୍ୟକାରୀ ହେବ ନାହିଁ । ସୁପ୍ରିମ୍‌କୋର୍ଟ୍‌ଙ୍କ ନିରୀକ୍ଷଣରେ ଆସାମରେ ନାଗରୀକତ୍ୱ ଯାଞ୍ଚ୍ କାର୍ଯ୍ୟ ଚାଲିଥିବାରୁ ଭୋଟର ତାଲିକା ସଂଶୋଧନ ହେବ ନାହିଁ । ଏହି ଅଭିଯାନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ଡିସେମ୍ବର ୯ ତାରିଖ ପର୍ଯ୍ୟନ୍ତ ଜାରି

ରହିବ । ଦେଶ ସ୍ୱାଧୀନ ହେବା ପରେ ୨୦୦୨ରୁ ୨୦୦୪ ମଧ୍ୟରେ ସଘନ ଭୋଟର ତାଲିକା ସଂଶୋଧନ ଅଭିଯାନ ଅନୁଷ୍ଠିତ ହୋଇଥିବା ବେଳେ ନବମଥର ପାଇଁ ଚଳିତ ବର୍ଷ ଏହି ଅଭିଯାନା କାର୍ଯ୍ୟକାରୀ କରାଯାଉଛି ।

## ବିହାର-ଇଲେକ୍ସନ୍

ବିହାରରେ ଚଳିତ ମାସ ୬ ତାରିଖରେ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଅନୁଷ୍ଠିତ ହେବ । ଏଥିଲାଗି ଆଜି ସନ୍ଧ୍ୟାରେ ପ୍ରଚାର କାର୍ଯ୍ୟ ଶେଷ କରାଯିବ । ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିହାରର ୧୮ଟି ଜିଲ୍ଲାର ୧୨୧ଟି ବିଧାନସଭା ଆସନ ନିମନ୍ତେ ଭୋଟ ଗ୍ରହଣ ହେବ । ଦ୍ୱିତୀୟ ପର୍ଯ୍ୟାୟରେ ୧୨୨ଟି ବିଧାନସଭା ଆସନ ଲାଗି ମତଗ୍ରହଣ କରାଯିବ ।

ଆଜି ସନ୍ଧ୍ୟାରେ ନିର୍ବାଚନ ପ୍ରଚାର କାର୍ଯ୍ୟ ଶେଷ ହେଉଥିବା ବେଳେ ବିଭିନ୍ନ ରାଜନୈତିକ ଦଳର ତୁଙ୍ଗ ନେତାମାନେ ସମାବେଶ ଓ ସଭା ଜରିଆରେ ଭୋଟରମାନଙ୍କୁ ଦଳୀୟ ପ୍ରାର୍ଥୀଙ୍କ ସପକ୍ଷରେ ଭୋଟ ଦେବା ଲାଗି ପ୍ରଚାର କରୁଛନ୍ତି । ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ଏବଂ ମହାମେଣ୍ଟର ବରିଷ୍ଠ ନେତା ଓ କର୍ମୀମାନେ ମଧ୍ୟ ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ନିମନ୍ତେ ପ୍ରଚାର କାର୍ଯ୍ୟ ଜାରି ରଖିଛନ୍ତି ।

ସୂଚନା ଅନୁଯାୟୀ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ବିହାରର ବୈଶାଳୀ ଜିଲ୍ଲାର ରଘୋପୁରଠାରେ ନିର୍ବାଚନୀ ସମାବେଶକୁ ସମ୍ବୋଧନ କରିବାର କାର୍ଯ୍ୟକ୍ରମ ରହିଛି । ଆଜି ସକାଳେ ଶ୍ରୀ ସିଂହ ପାଟନାର ଫତୁହାରେ ନିର୍ବାଚନୀ ସଭାରେ ଜନସାଧାରଣଙ୍କୁ ସମ୍ବୋଧିତ

କରିଥିବାବେଳେ  ସହର୍ସା ଏବଂ ତାରପୁରରେ ମଧ୍ଧ ନିର୍ବାଚନୀ ପ୍ରଚାର କରିବାର କାର୍ଯ୍ୟକ୍ରମ ରହିଛି । ବିଜେପିର ବରିଷ୍ଠ ନେତା ତଥା ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ବିହାରର ପୂର୍ବଚମ୍ପାରନସ୍ଥିତ ମୋତିହାରିରେ ଏନ୍‌ଡିଏ ସମର୍ଥିତ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି । ସେ ମହାମେଣ୍ଟକୁ ସମାଲୋଚନା କରି କହିଛନ୍ତି ଏନ୍‌ଡିଏ ବିକଶିତ ବିହାରର ଲକ୍ଷ୍ୟ ନେଇ ସଂକଳ୍ପର ସହ ଆଗକୁ ବଢୁଛି । ଏହା ପୂର୍ବରୁ ଅନ୍ୟଏକ ନିର୍ବାଚନୀ ସଭାରେ ଉଦ୍‌ବୋଧନ ଦେଇ ଶ୍ରୀ ଶାହା କହିଛନ୍ତି ବିହାରରେ ଯେଉଁ ବିକାଶ କାର୍ଯ୍ୟକ୍ରମଗୁଡ଼ିକ ଗ୍ରହଣ କରାଯାଇଛି ସେଗୁଡ଼ିକୁ ଯେଭଳି ତ୍ୱରାନ୍ୱିତ କରାଯାଇପାରିବ ସେ ଦିଗରେ ମଧ୍ଧ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ମେଣ୍ଟ ଭାବେ ପଦକ୍ଷେପ ନେଉଛନ୍ତି ।

**V/O (Amit Saha)**

ଆଜି ପ୍ରଥମ ପର୍ଯ୍ୟାୟ ନିର୍ବାଚନର ଶେଷଦିନର ପ୍ରଚାର କାର୍ଯ୍ୟରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ଦଳର ମହାସଚିବ ପ୍ରିୟଙ୍କା ଗାନ୍ଧି ଭଦ୍ରା, ରାଷ୍ଟ୍ରୀୟ ଜନତା ଦଳ ନେତା ତେଜସ୍ୱୀ ଯାଦବ ଏବଂ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ପ୍ରମୁଖ ମହାମେଣ୍ଟ ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କାର୍ଯ୍ୟରେ ସାମିଲ ହୋଇଛନ୍ତି ।

# ପିଏମ୍-ମେରା ବୁଥ୍ ସବ୍‌ସେ ମଜବୁତ୍

'ମେରା ବୁଥ୍ ସବ୍ ସେ ମଜବୁତ୍' ଅଧୀନରେ ଆଜି ବରିଷ୍ଠ ବିଜେପି ନେତା ତଥା ପ୍ରଧାମନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିହାରର ମହିଳାମାନଙ୍କ ସହ କଥାବାର୍ତ୍ତା କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ ଏହି

ଆଲୋଚନା ପାଇଁ ଆଗ୍ରହୀ ଥିବା ପ୍ରକାଶ କରିଛନ୍ତି । ସେ କହିଛନ୍ତି, ବିହାର ବିଧାନସଭା ନିର୍ବାଚନରେ ବିଜେପି-ଏନ୍.ଡି.ଏ. ମେଣ୍ଟର ବିଜୟ ଲାଗି ବିହାରର ମହିଳାମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଶ୍ରୀ ମୋଦୀ କହିଛନ୍ତି, ମହିଳାମାନଙ୍କ ସକ୍ରିୟ ଯୋଗଦାନ ବିହାରର ଗଣତାନ୍ତ୍ରିକ ଯାତ୍ରାକୁ ଆହୁରି ଦୃଢ଼ କରିବ ।

## ଜିତିନ୍ ପ୍ରସାଦ ମିଟିଂ

ବାଣିଜ୍ୟ ଏବଂ ଶିଳ୍ପରାଷ୍ଟ୍ର ମନ୍ତ୍ରୀ ଜିତିନ୍ ପ୍ରସାଦ ଆଜି ବୁଖାରେଷ୍ଟରେ ରୋମାନିଆର ବାଣିଜ୍ୟ ମନ୍ତ୍ରୀ ଓନା ସିଲଭିୟା ଟୁଇୟୋଙ୍କ ସହ ଦ୍ୱିପାକ୍ଷିକ ବୈଠକରେ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରଣାଳୟ କହିଛି, ଏହି ବୈଠକରେ ଉଭୟ ଦେଶ ମଧ୍ୟରେ ବାଣିଜ୍ୟ ସମ୍ପ୍ରସାରଣ, ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ଏବଂ ବ୍ୟାପକ ଭାରତ-ୟୁରୋପୀୟ ୟୁନିୟନ ଅର୍ଥନୈତିକ ଢ଼ାଞ୍ଚା ମଧ୍ୟରେ ସ୍ଥିତିସ୍ଥାପନ ଯୋଗାଣ ଶୃଙ୍ଖଳାକୁ ମଜଭୁତ କରିବା ଉପରେ ଧ୍ୟାନ ଦିଆଯାଇଥିଲା । ଉଭୟପକ୍ଷ ଚଳିତବର୍ଷ ମଧ୍ୟରେ ଏକ ନିରପେକ୍ଷ, ସନ୍ତୁଳିତ ଏବଂ ପାରସ୍ପରିକ ଲାଭପ୍ରଦ ଭାରତ-ୟୁରୋପୀୟ ସଂଘ ମୁକ୍ତବାଣିଜ୍ୟ ରାଜିନାମା - ଏଫ୍‌ଟିଏର ସମାପ୍ତି ଦିଗରେ କାର୍ଯ୍ୟକରିବାକୁ ସହମତ ହୋଇଛନ୍ତି । ଉଭୟ ମନ୍ତ୍ରୀ ଭାରତ ଏବଂ ରୋମାନିଆ ମଧ୍ୟରେ ସ୍ଥିର ବାଣିଜ୍ୟ ଏବଂ ନିବେଶ ସମ୍ପର୍କରେ ସମୀକ୍ଷା କରିଥିଲେ । ୨୦୨୪-୨୫ ଆର୍ଥିକ ବର୍ଷରେ ରୋମାନିଆକୁ ଭାରତର ରପ୍ତାନୀ ପରିମାଣ ୧ ଦଶମିକ ୦/୩ ବିଲିୟନ ଡଲାରରେ ପହଞ୍ଚିଛି । ଉଭୟପକ୍ଷ ପେଟ୍ରୋଲିୟମ ଉତ୍ପାଦ, ଇଞ୍ଜିନିୟରିଂ ସାମଗ୍ରୀ, ଫାର୍ମାସ୍ୟୁଟିକାଲ ଏବଂ ସିରାମିକ୍ସ ଭଳି ପ୍ରାଥମିକତା କ୍ଷେତ୍ରରେ ଯୋଗାଣ ଶୃଙ୍ଖଳା ସଂଯୋଗକୁ ମଜଭୁତ କରିବା ଏବଂ ଉଭୟପକ୍ଷର ବଜାର

ପ୍ରବେଶକୁ ବୃଦ୍ଧି କରିବା ପାଇଁ ମାନକ, ପରୀକ୍ଷଣ ଏବଂ ନିବେଶ ଭାଗିଦାରୀର ସହଯୋଗକୁ ସୁଗମ କରିବା ଲାଗି ବୈଠକରେ ସହମତ ହୋଇଛନ୍ତି ।

## ପ୍ରବାସୀ ପରିଚୟ

ରିଆଦରେ ଥିବା ଭାରତୀୟ ଦୂତାବାସ ପକ୍ଷରୁ ଆୟୋଜିତ 'ଗୀତା ମହୋତ୍ସବ-ଏକ ସଂଗୀତ'ର ଭବ୍ୟ ଉପସ୍ଥାପନା ସହିତ ପ୍ରବାସୀ ପରିଚୟ ୨୦୨୫ର ତୃତୀୟ ସଂସ୍କରଣ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭଗବତ ଗୀତାର କାଳଜୟୀ ଜ୍ଞାନକୁ ପାଳନ କରିବା ପାଇଁ କଳା, ଭକ୍ତି, ଏବଂ ଦର୍ଶନକୁ ଏକତ୍ର କରାଯାଇଥିଲା । ଅକ୍ଟୋବର ୨୮ ତାରିଖରୁ ନଭେମ୍ବର ୩ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ସପ୍ତାହବ୍ୟାପୀ ସାଂସ୍କୃତିକ ମହୋତ୍ସବ ବୈଦେଶିକ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହଙ୍କ ଅଭିନନ୍ଦନପୂର୍ଣ୍ଣ ଭିଡ଼ିଓ ବାର୍ତ୍ତା ସହିତ ଆରମ୍ଭ ହୋଇଥିଲା । ମହୋତ୍ସବରେ ଶାସ୍ତ୍ରୀୟ ନୃତ୍ୟ, ସଂଗୀତ, ଲୋକକଳା ଏବଂ ରନ୍ଧନ ପରମ୍ପରାକୁ ପ୍ରଦର୍ଶନ କରାଯାଇଥିଲା ।  ଏହି ଅବସରରେ ଉଦ୍‌ବୋଧନ ଦେଇ ଭାରତର ରାଷ୍ଟ୍ରଦୂତ ଡକ୍ଟର ସୁହଲେ ଏଜାଜ ଖାନ୍ କହିଛନ୍ତି ଯେ ଗୀତା ମହୋତ୍ସବ ହେଉଛି ଗଭୀର ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ ବନ୍ଧନକୁ ଆଲୋକିତ କରିବାର ଏକ ପ୍ରୟାସ, ଯାହା ପ୍ରବାସୀ ଭାରତୀୟଙ୍କୁ ଭାରତର ସଭ୍ୟତାଗତ ଐତିହ୍ୟ ସହିତ ସଂଯୋଗ କରେ ଏବଂ ଗୀତାରେ ଥିବା ସୌହାର୍ଦ୍ଦ୍ୟ, କର୍ତ୍ତବ୍ୟ ଏବଂ ନିଃସ୍ୱାର୍ଥପର କାର୍ଯ୍ୟର ବାର୍ତ୍ତା ପ୍ରତିଫଳିତ କରେ ।

# ସିଆଇଆଇ-ଷ୍ଟିଲ ସମିତ

ଇସ୍ପାତ ଉଦ୍ୟୋଗ ଜାତୀୟ ଅର୍ଥବ୍ୟବସ୍ଥାର ମେରୁଦଣ୍ଡ ଏବଂ ବିକଶିତ ଭାରତର ପରିକଳ୍ପନାକୁ ସାକାର କରିବାରେ ପ୍ରମୁଖ ସହାୟକ ବୋଲି ଇସ୍ପାତ ମନ୍ତ୍ରଣାଳୟର ସଚିବ ସନ୍ଦିପ ପୌଣ୍ଡ୍ରିକ କହିଛନ୍ତି । ଆଜି ନୂଆଦିଲ୍ଲୀରେ ସିଆଇଆଇ ଇସ୍ପାତ ସମ୍ମିଳନୀ ୨୦୨୫ର ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ଶ୍ରୀ ପ୍ରୌଣ୍ଡ୍ରିକ କହିଛନ୍ତି ଭାରତ ୨୦୩୦ ମସିହା ସୁଦ୍ଧା ୩୦୦ ନିୟୁତ ଟନ୍ ଏବଂ ୨୦୪୭ ମସିହା ସୁଦ୍ଧା ୫୦୦ ନିୟୁତ ଟନ୍ ଇସ୍ପାତ କ୍ଷମତା ହାସଲ କରିବାକୁ ଲକ୍ଷ୍ୟ ରଖିଛି । ସେ ଆହୁରି କହିଛନ୍ତି ଯେ ଭାରତର ଇସ୍ପାତ କ୍ଷମତା ଏକଦଶନ୍ଧି ପୂର୍ବରୁ ପାଖାପାଖି ୧୦୦ନିୟୁତ ଟନ୍ ଥିବାବେଳେ ଏବେ ଏହା ଦ୍ୱିଗୁଣିତ ହୋଇଛି । ଏହି ପରିମାଣ ସୁଦୃଢ଼ ଭିତ୍ତିଭୂମି ଅଭିବୃଦ୍ଧି ଏବଂ ଘରୋଇ ଚାହିଦା ମେଣ୍ଟାଇବାକୁ ସକ୍ଷମ ହୋଇଛି । ଚଳିତବର୍ଷ ପ୍ରଥମାର୍ଦ୍ଧରେ ଏହିକ୍ଷେତ୍ରରେ ୮ ଦଶମିକ ୫ ପ୍ରତଶତ ଅଭିବୃଦ୍ଧି ରେକର୍ଡ କରାଯାଇଥିବାବେଳେ ୨୦୨୪-୨୫ରେ ଏହାର ଚାହିଦା ୧୫୨ନିୟୁତ ଟନ୍‌କୁ ଛୁଇଁଛି ।